# ମୁଁ ଦିନେ ମନ୍ତ୍ରୀ ଥିଲି

ମୁଁ ଜାଣୁଚି, ଏ କଥାଟାକୁ କେହି ସହଜରେ ବିଶ୍ୱାସ କରିବେନାହିଁ; କିନ୍ତୁ ସତ କହୁଚି, ମୁଁ ଦିନେ ମନ୍ତ୍ରୀ ହୋଇଥିଲି ।

ବାଟର ବାଟୋଇଠାରୁ ଉଆସର ରାଜାମହାରାଜା ଯାଏ, ପଲ୍ଲୀର ସର୍ବହରା ମୂଲିଆଠାରୁ ଦେଶର ସର୍ବଗ୍ରାସୀ ନେତା ଯାଏ, କେହି ଏକଥା ଜାଣନ୍ତି ନାହିଁ; ତଥାପି ମୁଁ ଜାଣେ ଯେ ଦିନେ ମୁଁ ମନ୍ତ୍ରୀ ହୋଇଥିଲି ।

ମୋ ପାଇଁ କେଉଁଠି ଭୋଟ ନିଆ ହୋଇନାହିଁ, ଭୋଟରମାନେ ମୋ ନାଁ ସୁଦ୍ଧା ଜାଣିନାହାନ୍ତି । କର୍ମୀଗଣ ମୋର ସ୍ତୁତିଗାନ କରିନାହାନ୍ତି, ତଥାପି ମୁଁ କହୁଚି ମୁଁ ଦିନେ ମନ୍ତ୍ରୀ ହୋଇଥିଲି ।

ମୋର ଯାତ୍ରାକୁ 'ଶୋଭାଯାତ୍ରା' କୁହାଯାଇନାହିଁ, ମୋ ଯାତ୍ରାରେ ବାଦ୍ୟ ବାଜଣା ବାଜିନାହିଁ । ମୋ ନାମରେ କେଉଁଠି ପତାକା ଟେକାଯାଇନାହିଁ, ନିରନ୍ନ, ନିଃସହାୟ ରଇତଗହଣରେ ମୁଁ କେଉଁଠି ବକ୍ତୃତା ଦେଇନାହିଁ; ତଥାପି ଯେ ମୁଁ ଦିନେ ମନ୍ତ୍ରୀ ହୋଇଥିଲି ଏକଥା ସତ ।

କିଏ ସତ କରୁ ବା ନ କରୁ, ମୁଁ ଜାଣେ, ମନ୍ତ୍ରୀତ୍ୱର ଭାର ମୋ ଉପରେ ଦିନେ ପଡ଼ିଥିଲା । ସମସ୍ତେ ନାହିଁ କଲେ କି ମୁଁ ନାହିଁ କରିପାରିବି ? ଅସମ୍ଭବ, ଅସମ୍ଭବ ! ମୋ ମନ୍ତ୍ରୀତ୍ୱର ସେହି ନିରାଟ ସତ୍ୟ ଛବି ଏବେ ମୋ ଆଖିଆଗରେ ନାଚିଯାଉଚି, ସେହି ଭୀମକାନ୍ତ ଦୃଶ୍ୟ ମୋ ଅନ୍ତରକୁ ବିଚଳିତ କରିପକାଉଚି ! ତେଣୁ କହୁଚି, ମୋ କଥା ଶୁଣି ସାରା ଓଡ଼ିଶା ଯେବେ ନାହିଁ କରିବ, ତଥାପି ମୁଁ କହିବି 'ହଁ' ।

ହଁ, ସେଦିନର ମଧୁମୟ ଛବି ଏବେ ମନେପଡୁଚି । ତାହା ଏହି ଜନ୍ମର କଥା, ଦଶ-ପାଞ୍ଚବର୍ଷ ତଳର ବି ନୁହେ, ମାସ ଚାରିଟା ତଳର କଥା । ସେ ଦିନ ଏ କର୍ମକ୍ଳାନ୍ତ ଶରୀରଟା କେବଳ ବିଶ୍ରାମ ଲୋଡୁଥିଲା । ମଧୁର ଶାନ୍ତିପାଇଁ ଘରକୁ ଫେରିଅଇଲି । ଏତେ କ୍ଳାନ୍ତ ହୋଇଥିଲି ଯେ ଚାଲିଲାବେଳେ ମଧ ଆଖିରେ ନିଦ ଥିଲା । ବସିପଡ଼ିଲି ଖଟ ଉପରେ ।

ମୋର ଘର ଭଙ୍ଗାରୁଜା ଦିଗରେ ତାହା ପଲ୍ଲୀରେ ଗୋଟାଏ ଉଦାହରଣ ସ୍ଥଳ । ଦୀନ ଦରିଦ୍ର ଦେଶର ମନ୍ତ୍ରୀ ମୁଁ; ଉଆସପୂର୍ଣ୍ଣ ରାଜମହଲମୟ ଦେଶର ମନ୍ତ୍ରୀ ତ ନୁହେ! ତଥାପି ଘରଟାକୁ ଯେ କିଏ ସଜେଇ ରଖିଥିଲା ଜାଣେ ନାହିଁ । କାହାକୁ ସେପରି କରିବାକୁ ଆଦେଶ ଦେଇ ନ ଥିଲି । ମାତ୍ର ଆସି ଦେଖିଲି କାନ୍ଥରେ ପାଖକେ ଲାଟ୍‌ସାହେବଙ୍କ ଛବି ତ ପାଖକେ ମୋ ନିଜର ଛବି ! ବାକି କାନ୍ଥବାଡ଼ର ଚାରିଆଡ଼େ ଖାଲି ଅଭିନନ୍ଦନପତ୍ର !!

କି ବିଚିତ୍ର ଦୃଶ୍ୟ! ଗୋଟାଏ କୁଡ଼ିଆଘରେ ସାରା ଓଡ଼ିଶାର ଅଭିନନ୍ଦନ !! ଗୋଟାଏ ଲୋକର କୁଡ଼ିଆ ଭିତରେ ଲକ୍ଷ ଲକ୍ଷ ଲୋକଙ୍କର ଭକ୍ତିଚନ୍ଦନମାଳା !!!

ମନ ହେଲା ଗଣିବି - ଗଣିବି, ସାରା ଦେଶ ମୋତେ କେତେ ପରିମାଣରେ ଭକ୍ତି କରେ, ଗୋଟାଏ ଜାତି ଜଣକୁ କେତେ ମାଳା ଅର୍ପଣ କରିପାରେ, ଜଣେ ମନୁଷ୍ୟ କିପରି ସହସ୍ର ଜୀବନର ଭାଗ୍ୟଧର ହୋଇପାରେ । କିନ୍ତୁ ସେତେବେଳେ ସେସବୁକୁ ଗଣିବା ମୋ ପକ୍ଷରେ ସହଜ ନ ଥିଲା । ସେଥିରୁ କେଉଁଟା ସୁନେଲି ଅକ୍ଷରରେ ଛାପା ତ କେଉଁଟା ରୂପେଲି ଅକ୍ଷରରେ । କେଉଁଟା ଚକଚକ ସିଲ୍‌କ୍ କନାରେ ଛାପାଯାଇଛି ତ କେଉଁଟା ଦରିଦ୍ରର ହାତବୁଣା ମୋଟା ଖଦଡ଼ କନାରେ । କେଉଁଟାରେ ଭକ୍ତି ସମ୍ମାନ ପ୍ରକାଶ ପାଇଚି ତ କେଉଁଟାରେ ପ୍ରାଣର କୃତଜ୍ଞତା ପ୍ରକାଶ କରାଯାଇଚି । ସବୁ କାଚବନ୍ଧା । ସେଥିରେ ପୁଣି କେଉଁଟାରେ ଫୁଲମାଳ ଝୁଲୁଚି ତ କେଉଁଟାରେ କର୍ପୂରମାଳା ଦୋହଲୁଚି !!

ବସିଥିଲି ଶୋଇବି ବୋଲି; ମାତ୍ର ସେଗୁଡ଼ାକ ମୋ ଆଖିକି ଆଦୌ ନିଦ ଅଣାଇଦେଲେ ନାହିଁ । ଆଖିର ପତାକୁ ଟେକିରଖେଇ ମୋତେ ତାଟକା କରାଇଦେଲେ । କେବଳ ଏକଲୟରେ ଆଖି ତରାଟି ରଖି ସେଗୁଡ଼ାକୁ ମନେ ମନେ ଗଣିବାରେ ଲାଗିଲି । ଗଣି ଗଣି ଶହେଦଶ ଯାଏଁ ଯାଇ, ଭୁଲ୍ କରି ପୁଣି ଗଣିଲି । ସେଥର ଦୁଇଶହ ଯାଏଁ ଯାଇ ପୁଣି ଭୁଲ୍ କରିବସିଲି । ତୃତୀୟ ଥର ତିନିଶହ ଉପରେ ଗଣିଲି । ବାଟରେ ଭୁଲ୍ ହେଲା ଦୁଇଟା ଛୋଟ ଛୋଟ ଅଭିନନ୍ଦନ ପତ୍ର ଏକା କଣ୍ଟାରେ ଝୁଲିଥିବା ଫଳରେ । ପୁଣି ଗଣିଲି, ଆଉରି ଥରେ ଗଣିଲି, ଖାଲି ଗଣିବାରେ ଲାଗିଲା । ମନେ ମନେ ଗଣୁଥିଲି, ଶେଷରେ ଆଙ୍ଗୁଠି ଦେଖାଇ ଗଣିଲି । ତଥାପି ଗଣା ସରଲାନାହିଁ । ଯେତିକି ଗଣିଲି ସେତିକି ମୋର ପିପାସା ବଢ଼ିଲା । ଏଣେ ଘଣ୍ଟା ଯେ ଏଗାର ବାଜିଲାଣି, ଜାଣେନା ।

ଶୋଇବି? କିନ୍ତୁ ଗଣା କେଉଁଠି ଶେଷ ହେଲା ଯେ ଶୋଇବି । ଏଗାରଶହ ଅଣତିରିଶ ଅଭିନନ୍ଦନପତ୍ରକୁ ମୋଟେ ସାତଶହ କର୍ପୂରମାଳା ! ଖାଲି ଫୁଲମାଳ କଣ ଲୋକେ ଦେଇଥିବେ ? ବାକି ଗଲା କୁଆଡ଼େ ? ନେଲା କିଏ ?

ଶୋଇବି ? ନା, ପୁଣି ଥରେ ମାଳାଗୁଡ଼ାକୁ ଗଣିପକାଏ । କିନ୍ତୁ କି ବିଚିତ୍ର କଥା, ଯାହାକୁ ଗଣିବସିଲି ତାହା ହଲିଲାପରି ଦିଶିଲା । ଆଖିର ଦୋଷ ମନେକରି, ଦୁଇ ହାତରେ ଆଖି ମଳି ପୁଣି ଗଣିଲି । ଠିକ୍ ସେୟା ହେଲା, ପୁଣି ସେହିପରି ହଲିଲା !

ମନେକଲି ବୋଧହୁଏ ପବନ ହୋଇଛି । କିନ୍ତୁ ବାହାରେ ସ୍ୱର-ଶବ୍ଦ କିଛି ନାହିଁ । ଅଗଣାରେ ଥିବା ଗଛର ପତ୍ର ସୁଦ୍ଧା ହଲିବାର ସୂଚନା ନାହିଁ । ଝୁଲୁଥିବା ଲୁଗାର କାନି ସୁଦ୍ଧା ହଲୁନାହିଁ । ତେବେ କଣ ଭୂମିକମ୍ପ ! କିନ୍ତୁ ଘରଟା ଯେ ସ୍ଥିର ରହିଚି !! ତେବେ କଣ କୌଣସି ଅପଦେବତା ବା ଭୂତପ୍ରେତର କାର୍ଯ୍ୟ ଏ !!

ଏ ଭାବନା ମନରେ ଆସିବା ସଙ୍ଗେ ସଙ୍ଗେ ଦେହଟା ଶୀତେଇ ଉଠିଲା । ପାଖରେ କାହାକୁ ଆଶ୍ରୟ ନ ପାଇ ତକିଆଟାକୁ ଅତର୍କିତରେ ଜାକିଧଇଲି । ତଥାପି ନିସ୍ତାର ମିଳିଲାନାହିଁ । ଦେଖୁ ଦେଖୁ ମାଳା ସହିତ ଅଭିନନ୍ଦନପତ୍ର ଗଣିଲେ ହଲିଲା; ନ ଗଣିଲେ ହଲିଲା ! ଡାକିବାକୁ ଚେଷ୍ଟା କଲି, ପାଟି କିପରି ଖନିମାରିଗଲା । ଧାଇଁ ପଳାଇବାକୁ ଇଚ୍ଛାକଲି, ଜାଣିପାରିଲିନାହିଁ ମୋ ଗୋଡ଼ଯୋଡ଼ାକ ସହିତ ଭୂଇଁର ସମ୍ପର୍କ ଅଛି କି ନାହିଁ !

ଭାବିଲି, ସତେ ଅବା କଳିଜାଟା ଭୟରେ ପାଣି ହୋଇଯିବ ! ବାହାର-ଜଗତ ଜନମାନବଶୂନ୍ୟ, ନୀରବ, ନିସ୍ତବ୍ଧ; ଆଉ ଭିତରେ ମୁଁ ଏକାକୀ । ଏକାକୀ ମୁଁ ଛଟପଟ ହେଲି । ଘରେ ପରିଷ୍କାର ଦୀପ ଜଳୁଚି । ସେ ଆଲୋକରେ ଦେଖିଲି ଗୋଟାଏ ବଡ଼ ଅଭିନନ୍ଦନ ପତ୍ର ଉପରେ କଣ ଗୋଟାଏ ଛାୟା । ଚମକିପଡ଼ିଲି । ଛାଇଟା କ୍ରମେ ମଣିଷର ଆକାର ଧଇଲା । ସେ ମଣିଷ - ଓହୋ, ଖାଲି ହାଡ଼ଗୁଡ଼ାଏ । ତା ’ ରି ଛାତି ଉପରେ ଗୋଟାଏ ଅଭିନନ୍ଦନପତ୍ର ଲେଖା । ଦେଖିଲି, ସେହି ଛବିଟା ମୋରି ଆଡ଼କୁ ବିକଳ ଦୃଷ୍ଟିପାତ କରି, ତା ବୁକୁରେ ଲାଗିଥିବା ଅଭିନନ୍ଦନପତ୍ର ଆଡ଼କୁ ନିଜର ଗ୍ରନ୍ଥିଳ ଆଙ୍ଗୁଠି ଦେଖାଇ କହିଲା- “ଚିହ୍ନିପାରୁଚ ? ଯାଇଥିଲ ମଫସଲ ! ଏଇ ଅଭିନନ୍ଦନ ନେଇ ଆସିଲ ! କିନ୍ତୁ ତା ପଛରେ ଯେ ଏଇ ମୁଁ ମୋ ପରି ସହସ୍ର ପ୍ରାଣୀ ! ତୁମପାଇଁ ବାଦ୍ୟ-ବାଜଣା ବାଜିଲାବେଳେ ଆମପାଇଁ ଶ୍ମଶାନ ଭୂଇଁରେ ରଇ ଜଳିଲା ! ଏଇ ମୁଁ ତୁମରି ଅଭିନନ୍ଦନ ପଛେ ପଛେ ତୁମକୁ ଅନୁସରଣ କରି ଆସିଛି! !” ଏତିକି କହି ସେ ଘୁଞ୍ଚିଗଲା - ଲିଭିଗଲା କାନ୍ଥ ଦେହରେ ! ମନେକଲି, ମୋର ପ୍ରାଣଟା ଅବା ପବନ ପରି ଉଡ଼ିଯିବ ।

ସେ ଛବି ଲୁଚିଯିବା ସଙ୍ଗେ ସଙ୍ଗେ ପୂର୍ବପଟ କାନ୍ଥରେ ଗୁଡ଼ିଏ ନରମୁଣ୍ଡର ଛବି ଦିଶିଲା । ନରମୁଣ୍ଡ, ମାଂସ ନାହିଁ କି ଚର୍ମ ନାହିଁ ! ତଥାପି ସେ ପାଟି ଠକ୍‌ଠକ୍ କରି କହିଲେ- “ଆମେ କିଏ ଜାଣ ? ଆମେ ପୁରୀର ବ୍ରହ୍ମଗିରି, ଗଞ୍ଜାମର ପାଲୋର, ବାଲେଶ୍ୱରର ଭୋଗରାଇ ! ଆମରି ସମାଧି ଉପରେ ତୁମରି ନାଟ ... ଆମରି ଚିତାନଳରେ ତୁମରି ପଥ ଆଲୋକିତ !!!”

କିଛି କହିବାକୁ ମୋର ଜିଭ ଲେଉଟିଲା ନାହିଁ । ଦେଖିଲି, ତା ପଛେ ପଛେ ଗୋଟାଏ ପିଶାଚ ମୂର୍ତ୍ତି । ତା ହାତରେ, ପେଟରେ, କଣ୍ଠରେ, ମୁଣ୍ଡରେ ମୋ' ରି ପ୍ରିୟ ପରିଚିତ ଅଭିନନ୍ଦନପତ୍ର ଓ ମାଳା ! ସେ ମୋତେ ମାଡ଼ିବସିଲା ପରି ଚାହିଁ କହିଲା - "ବନ୍ୟା, ବନ୍ୟା, ବନ୍ୟାଞ୍ଚଳର କନ୍ୟା ମୁଁ । ବନ୍ୟା ଆସିଲା, ବନ୍ୟା ଗଲା, ସେଠି ତୁମର ଅଭିନନ୍ଦନ, ଆମର ଅରଣ୍ୟ-ରୋଦନ !! ଏଇ ମୁଁ ତୁମରି କାଳିକାଗଜ ପ୍ରିୟ ପଲ୍ଲୀ !!!"

ମୁଁ ଅବାକ୍ ଭାବରେ ଉପରକୁ ଚାହିଁଲି । ଚାହିଁଲି କେବଳ ଏହି ବିକଟ ବିକଳାଙ୍ଗ ଦୃଶ୍ୟକୁ ଏଡ଼ିବାପାଇଁ । ଦେଖିଲି, ଉପରେ ସେହି ଭଙ୍ଗା ଛାତଦେହରେ ଦୂର ନକ୍ଷତ୍ରଲୋକକୁ ଭେଦକରି ସେହି ଛବି ! ଓଃ - ଶୀର୍ଣ୍ଣବସନା ନାରୀ କିଏ କାନ୍ଦି କାନ୍ଦି ଲୁହ ଢାଳିଲା !! ସେହି ଟୋପା ଟୋପା ଲୁହରେ ଶୂନ୍ୟରେ ଅକ୍ଷର ଲେଖି ହୋଇଗଲା- ବିଚ୍ଛିନ୍ନା ଉତ୍କଳ, ବିଚ୍ଛିନ୍ନା ଉତ୍କଳ!!

ମୁହଁ ତଳକୁ ପୋତିଲି । ଭାବିଲି, ମୁହଁ ପୋତିଦେଲେ ଅବା ରକ୍ଷା ପାଇବି । ମାତ୍ର ସେଠି ଦେଖିଲି, ଭୂଇଁତଳେ ଲେପଟିପଡ଼ି ଗୋଟାଏ ରୋଗୀ କିଏ ଦାନ୍ତ ଦେଖାଇ କହୁଚି- "ରକ୍ଷାକର, ରକ୍ଷାକର, ପୁଞ୍ଜିପତି ମୋର ତୋଟି ଉପରେ ଠିଆ ।" ଯେଣେ ଚାହିଲି ତେଣେ ଦେଖିଲି ବିକଟ ରୂପ, ବୀଭତ୍ସ ଦୃଶ୍ୟ । ଆଖି ବୁଜିଲି, କାଳେ ଏସବୁ ମିଛ ହୋଇଥିବ ପରା । କିନ୍ତୁ ସେଇ ଅନ୍ଧାର ରାଜ୍ୟରେ ମଧ୍ୟ ସେହି ଛବି । ମନେ ମନେ ଗୁଣିଲି, 'ଭଗବାନ, ମୋତେ ଏଥିରୁ ପାରକର । ମନ୍ତ୍ରୀତ୍ୱର ଗୁରୁଭାର ମୋ ଉପରୁ କାଢ଼ିନିଅ । ଅଭିନନ୍ଦନର ପରଦା ଆଖିରୁ ଉଠାଇଦିଅ; କର୍ପୂରମାଳାର ବେଢ଼ିବନ୍ଧନ କାଟିପକାଅ । ମୋତେ ମୁକ୍ତ କର, ମୋତେ ମୁକ୍ତ କର, ନହେଲେ ଯେ ଆଉ ଗତି ନାହିଁ ।"

ଏତିକିବେଳେ ଦୁଆରେ ଶୁଭିଲା- "ନନା, ନନା !" ଚମକି ଉଠିଲି । ରାତି ପାହି ବେଳ ପହରେ ହେଲାଣି । ଗତ ଦିନ ବାର ମାଇଲ ରାସ୍ତା ବୁଲି ବୁଲି ଗ୍ରାମ-ସଂଗଠନ କାମରୁ ଫେରିଥିଲି । ଖଟରେ ପଡ଼ିବା ସଙ୍ଗେ ସଙ୍ଗେ ଆଖି ପଡ଼ିଗଲା । ଉଠି ଦେଖିଲି, ବୁକୁ ଥରୁଚି, ନିଦରେ କାନ୍ଦି ତକିଆ ଓଦା ହୋଇଯାଇଚି । ଭାବିଲି, ଏ ସ୍ୱପ୍ନ ନା ସତ୍ୟ !

ଏ ଦରିଦ୍ର ଦେଶରେ ମନ୍ତ୍ରୀତ୍ୱର ଦାୟିତ୍ୱ କେତେ !!